## ସଂକ୍ଷେପରେ

### ନିର୍ମାଣାଧୀନ ଘରୁ ଚୋରି

ବ୍ରହ୍ମପୁର,୨୦।୯(ସୁବାସ ଚନ୍ଦ୍ର ପାଢ଼ୀ): ଗୋଷାଣିନୁଆଗାଁ ଥାନା ଅନ୍ତର୍ଗତ ବିଶ୍ୱନାଥ ନଗରର ଏକ ନିର୍ମାଣାଧୀନ ଘରୁ ଚୋରି ହୋଇଛି। ଗୃହକର୍ତ୍ତା ଔଜଲ୍ୟ କୁମାର ଆଚାର୍ଯ୍ୟ ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ବିଶ୍ୱନାଥ ନଗରରରେ ଔଜଲ୍ୟଙ୍କ ନୂତନ ଗୃହ ନିର୍ମାଣ ଚାଲିଛି। ବୁଧବାର କାମ ସରିବା ପରେ ସେ ଘର ଗ୍ରୀଲ ତାଲା ପକାଇଥିଲେ। ଗୁରୁବାର ସକାଳେ ମିସ୍ତ୍ରି ସେଠାକୁ କାମ କରିବା ପାଇଁ ଯିବା ବେଳେ ଘର ତାଲା ଭଙ୍ଗା ଯାଇଥିବା ଦେଖି ଘର ମାଲିକଙ୍କୁ ଜଣାଇଥିଲେ। ଗୃହକର୍ତ୍ତା ସେଠାକୁ ଯାଇ ଘରେ ଥିବା ଏକ ପାଣିପମ୍ପ, ପାଇପ ଓ ଅନ୍ୟାନ୍ୟ ନିର୍ମାଣ ସାମଗ୍ରୀ ଚୋରି ହୋଇଥିବା ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୦୬/୨୪ ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ଶିକ୍ଷୟିତ୍ରୀଙ୍କୁ ବ୍ଲାକମେଲ୍, ୨ ଲକ୍ଷ ଦାବି

ବ୍ରହ୍ମପୁର,୨୦।୯(ସୁବାସ ଚନ୍ଦ୍ର ପାଢ଼ୀ):

ଏକ ପ୍ରତିଷ୍ଠିତ ଘରୋଇ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀଙ୍କୁ ଜଣେ ଯୁବକ ବହୁବର୍ଷ ହେଲା ବ୍ଲାକମେଲ କରି ଆସୁଛନ୍ତି। ବାରମ୍ବାର ତାଙ୍କୁ ଟଙ୍କା ମାଗିବା ସହ ତାଙ୍କ କଥାରେ ରାଜି ନ ହେଲେ ବଦନାମ କରିବାକୁ ଧମକ ଦେଉଛନ୍ତି । ଏ ନେଇ ଶିକ୍ଷୟିତ୍ରୀ ଜଣକ ଗୋଷାଣିନୁଆଗାଁ ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ନଂ.୨୦୬/୨୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଗୋଷାଣିନୁଆଗାଁ ଅଞ୍ଚଳରେ ରହୁଥିବା ଶିକ୍ଷୟିତ୍ରୀ ଓ ଗାନ୍ଧୀନଗର ମୁଖ୍ୟ ରାସ୍ତାରେ ଦୋକାନ କରିଥିବା ଜଣେ ବ୍ୟକ୍ତି ଅନେକ ବର୍ଷ ହେଲା ଚିହ୍ନା ପରିଚିତ। ବ୍ୟକ୍ତି ଜଣକ ଶିକ୍ଷୟିତ୍ରୀଙ୍କୁ ବ୍ଲାକମେଲ କରି ଟଙ୍କା ମାଗି ଆସୁଛନ୍ତି। ଟଙ୍କା ନ ଦେଲେ ଏକ ରେକର୍ଡିଂ ଶିକ୍ଷୟିତ୍ରୀଙ୍କ ସ୍ୱାମୀଙ୍କୁ ପଠାଇ ଦେବେ ବୋଲି ଧମକ ଦେଉଛନ୍ତି। ଏପରିକି କିଛି ବର୍ଷ ତଳେ ଦୋକାନୀ ଜଣକ ତାଙ୍କଠାରୁ ୪୦ହଜାର ଟଙ୍କା ନେଇଥିଲେ ମଧ୍ୟ ଫେରାଉ ନାହାନ୍ତି। ବର୍ତ୍ତମାନ ପୁଣି ୨ ଲକ୍ଷ ଟଙ୍କା ଦାବି କରୁଛନ୍ତି। ଶିକ୍ଷୟିତ୍ରୀଙ୍କ ଘରେ ରହୁଥିବା ତାଙ୍କ ନାବାଳିକା ଝିଅର ଜୀବନ ବରବାଦ କରିବାକୁ ଧମକ ମଧ୍ୟ ଦେଉଛନ୍ତି। ଏହା ଅସହ୍ୟ ହେବାରୁ ଶିକ୍ଷୟିତ୍ରୀ ଥାନାକୁ ଯାଇ ଅଭିଯୋଗ କରଛନ୍ତି।

### ହଳଦୀଗୁଣ୍ଡ ପ୍ରସ୍ତୁତି କାରଖାନାରେ ଯାଞ୍ଚ

ବ୍ରହ୍ମପୁର,୨୦।୯(ସୁବାସ ଚନ୍ଦ୍ର ପାଢ଼ୀ):

ବଡବଜାର ଥାନା ଅନ୍ତର୍ଗତ ପ୍ରହଲ୍ଲାଦନଗର ଠାରେ ଥିବା ଏକ ହଳଦୀ ଗୁଣ୍ଡ ଓ ଲଙ୍କା ଗୁଣ୍ଡ କାରଖାନାରେ ପୋଲିସ ଓ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଶୁକ୍ରବାର ଯାଞ୍ଚ କରାଯାଇଛି । ସେଠାରୁ ହଳଦୀ ଓ ଲଙ୍କା ଗୁଣ୍ଡର ନମୁନା ସଂଗ୍ରହ କରାଯାଇଛି । ଏହି କାରଖାନାରେ ଲୋକାଲ କମ୍ପାନୀ ନାଁରେ ଅପମିଶ୍ରିତ ହଳଦୀ ଗୁଣ୍ଡ ଓ ଲଙ୍କା ଗୁଣ୍ଡ ପ୍ରସ୍ତୁତି ହେଉଥିବା ଅଭିଯୋଗ ପରେ ପୋଲିସ ସେଠାରେ ଚଢଉ କରିଥିଲା । ଏହାପରେ ସେଠାରେ ଖାଦ୍ୟ ସୁରକ୍ଷା ବିଭାଗ ଅଧିକାରୀ ପହଞ୍ଚି ପ୍ରସ୍ତୁତି ହୋଇଥିବା ଗୁଣ୍ଡର ନମୁନା ସଂଗ୍ରହ କରିଥିଲେ । ସେହି ନମୁନା ଗୁଡ଼ିକ ପରୀକ୍ଷଣ ପାଇଁ ଲ୍ୟାବକୁ ପଠାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି ।

### ମଦ ଜବତ, ୨ ଗଲେ ଜେଲ୍

ଦିଗପହଣ୍ଡି,୨୦।୯(ଅଶେଷ ନାଥ ମିଶ୍ର)

ଚୋରା ମଦ କାରବାର ସମ୍ପର୍କରେ ସୂଚନା ପାଇ ଦିଗପହଣ୍ଡି ବ୍ଲକ ବଡ଼ଡୁମୁଳା ପଞ୍ଚାୟତ ଢ଼ାମଣାପଦର ଗ୍ରାମରେ ଶୁକ୍ରବାର ଚିକିଟି ଅବକାରୀ ରେଞ୍ଜ ଇନ୍ସପେକ୍ଟର ସଞ୍ଜୟ ପଣ୍ଡା ଟିମ୍ ସହ ଚଢାଉ କରି ଗ୍ରାମର ମଙ୍ଗୁଲୁ ମଲ୍ଲିକଙ୍କୁ ଗିରଫ କରିଥିଲେ। ତାଙ୍କ ନିକଟରୁ ୮ ଲିଟର ରନ୍ଧା ଦେଶୀମଦ ଜବତ ହୋଇଛି। ଅବକାରୀ ମାମଲା ନଂ.୩୯/୨୪-୨୫ ଅନୁଯାୟୀ ତାଙ୍କୁ କୋର୍ଟ ଚାଲାଣ କରାଯାଇଛଇ। ଜାମିନ ନାମଞ୍ଜୁର ହେବାରୁ ମଙ୍ଗୁଲୁଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଯାଇଛି। ସେହିପରି ଦିଗପହଣ୍ଡି ଅବକାରୀ ଓଆଇସି ଅନିତା ପ୍ରଧାନ ଦିଗପହଣ୍ଡି ବ୍ଲକ ସିଦ୍ଧେଶ୍ୱର ଗ୍ରାମର ଲିଲି ସାହୁ ନାମ୍ନୀ ମହିଳାଙ୍କୁ ଶୁକ୍ରବାର ଗିରଫ କରିଛନ୍ତି। ତାଙ୍କ ନିକଟରୁ ୧୫ ଲିଟର ଦେଶୀମଦ ଜବତ ହୋଇଛି। ତାଙ୍କୁ କୋର୍ଟ ଚାଲାଣ ପରେ ତାଙ୍କ ଜାମିନ ମଞ୍ଜୁର ହୋଇଥିଲା। ତେବେ ଜମିନାଦାର କେହି ନ ଥିବାରୁ ତାଙ୍କୁ ସବ୍‌ଜେଲ ହାଜତକୁ ପଠାଯାଇଛି।

# ଆବର୍ଜନା ଉଠୁ ନ ଥିବାରୁ ଅସନ୍ତୋଷ

ବ୍ରହ୍ମପୁର,୨୦।୯(ସ୍ମୃତି ରଞ୍ଜନ ମହାଲିକ)

**ବିଇଏମ୍‌ସି ଷ୍ଟାଣ୍ଡିଂ କମିଟି ବୈଠକ**

ବ୍ରହ୍ମପୁର ମହାନଗର ନିଗମ (ବିଇଏମ୍‌ସି) ସ୍ୱାସ୍ଥ୍ୟ ଷ୍ଟାଣ୍ଡିଂ କମିଟି ବୈଠକ ଶୁକ୍ରବାର କାର୍ଯାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ବିବେକ ରେଡ଼ି ଓ କମିଶନର ଭବାନୀ ପ୍ରସାଦ ମିଶ୍ର ଉପସ୍ଥିତ ଥିଲେ। କମିଟିର ଚେୟାରମ୍ୟାନ କର୍ପୋରେଟର ସଞ୍ଜିତ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ସହରରେ ପରିମଳ ବ୍ୟବସ୍ଥାକୁ ନେଇ ବୈଠକରେ ଆଲୋଚନା ହୋଇଥିଲା। ସହରରେ ଠିକ ଭାବେ ଆବର୍ଜନା ଉଠୁ ନ ଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ବିଇଏମସି ପକ୍ଷରୁ ପରିମଳ ଦାୟିତ୍ୱ ପ୍ରଦାନ କରାଯାଇଥିବା ପ୍ରତ୍ୟୁଷ, ସଫେଇ ଅଭିଯାନ ଓ ପିଏମଆର ଏଜେନ୍ସି ସଠିକ ଭାବେ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ସହରରେ ବର୍ତ୍ତମାନ ଆବର୍ଜନା ୫ଟି ଆବର୍ଜନା ଡମ୍ପିଂ ପଏଣ୍ଟ ମଧ୍ୟରୁ ୪ଟି ଠିକ ଭାବେ କାର୍ଯ୍ୟ କରୁଛି। ଅନ୍ୟ ଗୋଟିଏ ଠିକ ଭାବେ କାର୍ଯ୍ୟ କରାଯାଉ ନ ଥିବା ନେଇ ସଂପୃକ୍ତ ଏଜେନ୍ସି ପକ୍ଷରୁ କୁହାଯାଇଥିଲା। ଏଥିସହ ଗାଡି ଅଭାବ କାରଣରୁ ମଧ୍ୟ ସମସ୍ୟା ଉପୁଜୁଥିବା ଏଜେନ୍ସି ମାନେ କହିଥିଲେ। ଆଗାମୀ ଦିନରେ କିଭଳି ସମସ୍ୟାର ସମାଧାନ ହେବ। ସେ ନେଇ ପଦକ୍ଷେପ ଗ୍ରହଣ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ସେହିପରି ହୋଟେଲ ଓ ବ୍ୟବସାୟିକ ପ୍ରତିଷ୍ଠାନ ଗୁଡିକ ଆବର୍ଜନା ଗୁଡିକୁ ବାହାରେ ନ ପକାଇବା ପାଇଁ ନିୟମ କଡାକଡି କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ କର୍ପୋରେଟର ପ୍ରଦୀପ ଶତପଥୀ, ସୋନାଲୀ ଗନ୍ତାୟତ, ଶ୍ୱେତାରେଖା ତ୍ରିପାଠୀଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଏଆଇଡିଏସ୍‌ଓର ବିକ୍ଷୋଭ



ବ୍ରହ୍ମପୁର,୨୦।୯(ସ୍ୱାଧୀନ ଶେଖର ପାଢ଼ୀ): ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ଥାନା ଅଞ୍ଚଳରେ ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର ପରେ ହତ୍ୟା ଓ ଉତ୍କଳ ବିଶ୍ୱବିଦ୍ୟାଳୟରେ ଛାତ୍ରୀଙ୍କୁ ଅସଦାଚରଣ ଘଟଣାର ପ୍ରତିବାଦରେ ଏଆଇଡିଏସଓ ଗଞ୍ଜାମ ଜିଲା କମିଟି ପକ୍ଷରୁ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଉଭୟ ଘଟଣାର ଉପଯୁକ୍ତ ତଦନ୍ତ ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ଅଶ୍ଳୀଳ ସିନେମା, ସଙ୍ଗୀତ, ମଦ ବନ୍ଦ କରିବା, କ୍ୟାମ୍ପସ ଭିତରେ ଛାତ୍ରୀଙ୍କୁ ସୁରକ୍ଷା ପ୍ରଦାନ କରିବାପାଇଁ ଏଆଇଡିଏସଓ ପକ୍ଷରୁ ଦାବି ଉପସ୍ଥାପନ କରାଯାଇଛି । କାର୍ଯ୍ୟକ୍ରମରେ ଏଆଇଡିଏସଓ ଜିଲା ସଭାପତି ନିମାଇଁ ଚରଣ ସାହୁ, ଉପସଭାପତି ପପୁନ ସାହୁ, କୋଷାଧ୍ୟକ୍ଷ କିଷାନ କୁମାର ସାହୁଙ୍କ ସମେତ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

# ଜାଲ କାଗଜପତ୍ରରେ ପ୍ଲଟ ବିକ୍ରି ଘଟଣା : ଫେରାର ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୨୦।୯(ସୁବାସ ଚନ୍ଦ୍ର ପାଢ଼ୀ): ଜାଲ ଦଲିଲ ଓ ମୃତ ବ୍ୟକ୍ତିଙ୍କ ସ୍ଥାନରେ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଉପ ନିବନ୍ଧକଙ୍କ କାର୍ଯ୍ୟାଳୟରେ ଛିଡା କରାଇ ଜଣେ ବ୍ୟକ୍ତିଙ୍କ ଜମି ବିକ୍ରି କରି ଦିଆଯାଇଥିଲା।ଏ ନେଇ ଟାଉନ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ଏହି ଜାଲିଆତିରେ ସଂପୃକ୍ତ ଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ସଞ୍ଜୟ କୁମାର ବେହେରା । ମାମଲା ନମ୍ବର ୧୬୯/୨୩ ରେ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ସୂଚନାପ୍ରକାରେ, ବିଜିପୁର ତୋଟା ସାହିର ସ୍ୱର୍ଗତ ନରସିଂହ ପାଢୀ ୨୩ ବର୍ଷ ତଳେ ଖୋଡାସିଂ ଠାରେ ଖାତା ନଂ ୩୦୩ ପ୍ଲଟ ନଂ ୨୫୦ରେ ଥିବା ୦.୫୩ ଡେସିମିଲର ଏକ ପ୍ଲଟ କିଣିଥିଲେ । ସେହି ପ୍ଲଟର ପଟ୍ଟା ନୃସିଂହପ୍ରସାଦ ପାଢୀଙ୍କ ନାମରେ ରହିଥିଲା । ହେଲେ ୨୦୧୯ରେ ନୃସିଂହ ପ୍ରସାଦ ପାଢୀଙ୍କ ବିୟୋଗ ହୋଇଯାଇଥିଲା । କିଛି ଦିନ ତଳେ ସ୍ୱର୍ଗତ ପାଢୀଙ୍କ ସ୍ତ୍ରୀ ଭାରତୀ କୁମାରୀ ପାଢୀ ତାଙ୍କ ପ୍ଲଟ ନିକଟକୁ ଯାଇ ଦେଖିବା ବେଳେ ତାଙ୍କ ସ୍ୱାମୀଙ୍କ ନାମରେ ଥିବା ପ୍ଲଟଟି ଅନ୍ୟଜଣଙ୍କ ନାମରେ ଥିବା ଜାଣିବାକୁ ପାଇଥିଲେ। ଏ ବିଷୟରେ ଯାଞ୍ଚ କରିବା ବେଳେ ତାହା ଅନ୍ୟ ଜଣେ ବ୍ୟକ୍ତିଙ୍କୁ ବିକ୍ରି କରି ଦିଆଯାଇଥିବା ଜାଣିବାକୁ ପାଇଥିଲେ। ସେ ତାଙ୍କ ସ୍ୱାମୀ କିମ୍ବା ପରିବାରର ଅନ୍ୟ କୌଣସି ଲୋକ କେବେ ମଧ୍ୟ ସେହି ପ୍ଲଟ କାହାକୁ ବିକ୍ରି କରିନଥିଲେ ମଧ୍ୟ ପ୍ଲଟଟି ଅନ୍ୟ ଲୋକଙ୍କ ନାଁକୁ କେମିତି ଗଲା ତାକୁ ନେଇ ପରିବାର ଲୋକେ ଚିନ୍ତାରେ ପଡି ଯାଇଥିଲେ । ଯାଞ୍ଚ ପରେ ୨୦୨୨ରେ ଏହି ପ୍ଲଟଟି ବସନ୍ତ କୁମାର ପାଳ ନାମକ ଜଣେ ବ୍ୟକ୍ତି କ୍ରୟ କରିଥିବା ଜଣାପଡିଥିଲା । ପରେ ପୁଣିଥରେ ଅଭିଯୁକ୍ତ ସଞ୍ଜୟଙ୍କୁ ଏହି ପ୍ଲଟ ବିକ୍ରି କରାଯାଇଥିବା ଜଣାପଡିଥିଲା । ତେବେ ବସନ୍ତ ପ୍ଲଟ କିଣିବା ବେଳେ ସ୍ୱର୍ଗତ ନୃସିଂହ ପ୍ରସାଦ ପାଢୀଙ୍କ ବଦଳରେ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ଛିଡା କରାଇ ସେହି ଲୋକଙ୍କ ଭୋଟ କାର୍ଡ ବ୍ୟବହାର କରି ଏହି ପ୍ଲଟଟି ବିକ୍ରି କରି ଦେଇଥିଲେ। ପ୍ଲଟ ବିକ୍ରି ବେଳେ ଅଭିଯୁକ୍ତ ସଞ୍ଜୟ ସହ ଉପନିବନ୍ଧକଙ୍କ କାର୍ଯ୍ୟାଳୟର କର୍ମଚାରୀ ଓ ଦଲିଲ ଲେଖକ ହାତ ମିଳାଇ ଏଭଳି ଜାଲିଆତି କରିଥିବା ଭାରତୀ ପାଢୀ ଟାଉନ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା । ସୂଚନାଥାଉକି, ବ୍ରହ୍ମପୁର ସ୍ଥିତ ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ନକଲି ଲୋକଙ୍କୁ ଜମିର ପ୍ରକୃତ ମାଲିକ ବୋଲି ଦର୍ଶାଇ ଦଲାଲମାନେ ଅନେକ ଜମି ବିକ୍ରି କରି ଦେଉଛନ୍ତି । ପୂର୍ବରୁ ମଧ୍ୟ ଏଭଳି ଏକାଧିକ ଘଟଣା ନଜରକୁ ଆସି ସାରିଛି।

# ବ୍ରହ୍ମପୁରରେ ସ୍ଥାୟୀ ଆରକ୍ଷୀ ଅଧୀକ୍ଷକ ନିଯୁକ୍ତି ଦାବି

ବ୍ରହ୍ମପୁର,୨୦।୯(ସ୍ମୃତି ରଞ୍ଜନ ମହାଲିକ): ବ୍ରହ୍ମପୁରରେ ଜଣେ ପୂର୍ଣ୍ଣକାଳୀନ ଓ ନିୟମିତ ସ୍ଥାୟୀ ଆରକ୍ଷୀ ଅଧୀକ୍ଷକଙ୍କୁ ନିଯୁକ୍ତି ପାଇଁ ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ଦାବି କରିଛି। କ୍ରମାଗତ ଭାବେ ବୃଦ୍ଧି ପାଉଥିବା ଅପରାଧ ଓ ଆପରାଧିକ କାର୍ଯ୍ୟକଳାପକୁ ଦେଖି ବ୍ରହ୍ମପୁରକୁ ଗଞ୍ଜାମ ପୋଲିସ ଜିଲାରୁ ପୃଥକ କରାଯାଇ ସ୍ୱତନ୍ତ୍ର ବ୍ରହ୍ମପୁର ପୋଲିସ ଜିଲା ଗଠନ କରାଯାଇଥିଲା। ବ୍ରହ୍ମପୁର ପୋଲିସ ଜିଲାର ଅପରାଧ ଓ ଆଇନ ଶୃଙ୍ଖଳାକୁ ନିୟନ୍ତ୍ରଣରେ ରଖିବା ପାଇଁ ପ୍ରୟାସ କରାଗଲା। ସରକାରଙ୍କ ଏହି ପଦକ୍ଷେପ ମଧ୍ୟ କେତେକାଂଶରେ ସଫଳ ହେଲା। କିନ୍ତୁ ସହର ଓ ଏହାର ଚର୍ତୁପାର୍ଶ୍ୱରେ ଆପରାଧିକ କାର୍ଯ୍ୟକଳାପ ନାଟକୀୟ ଭାବରେ ନିୟନ୍ତ୍ରଣାଧୀନ ହେବା ସହ ଅପରାଧ ହ୍ରାସ ପରିଲକ୍ଷିତ ହୋଇଥିଲା। ଏହି ପୋଲିସ ଜିଲାରେ ସରକାର ଜଣେ ଦକ୍ଷ ଆଇପିଏସ୍ ଅଧିକାରୀଙ୍କୁ ଏସପି ରୂପେ ଦାୟିତ୍ୱ ଦେଇ ଅପରାଧ, ଟ୍ରାଫିକ ଓ ଆଇନ ଶୃଙ୍ଖଳାକୁ ସମ୍ଭାଳିବାକୁ ଚେଷ୍ଟା କରିଛନ୍ତି। ହେଲେ ବର୍ତ୍ତମାନ ଏଠାରେ ବ୍ୟତିକ୍ରମ ଦେଖା ଦେଇଥିବା କମିଟି ଅଭିଯୋଗ କରିଛି। ସହରରେ ଚୋରି, ଡକାୟତି, ଜୁଆ ଓ ନକଲି କାରଖାନା ବୃଦ୍ଧି ପାଇଛି। ସେହିପରି ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା ସଂପୂର୍ଣ୍ଣ ରୂପେ ବିଗିଡିଥିବା କମିଟି ଅଭିଯୋଗ କରିଛି। ଆଗକୁ ପାର୍ବଣ ଥିବାରୁ ପରିସ୍ଥିତି ଆହୁରି ଜଟିଳ ହେବା ସମ୍ଭାବନା ରହିଛି। ତେଣୁ ଜଣେ ଦକ୍ଷ ଓ ସଚ୍ଚୋଟ ସର୍ବ ଭାରତୀୟ ସ୍ତରର ପୋଲିସ ଅଧିକାରୀଙ୍କୁ ଏସ୍‌ପି ରୂପେ ନିଯୁକ୍ତି ପାଇଁ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ପୋଲିସ ମହା ନିର୍ଦ୍ଦେଶକଙ୍କୁ ଇ ମୋବାଇଲ ମାଧ୍ୟମରେ ଦାବି ପତ୍ର ପ୍ରଦାନ କରାଯାଇଛି।

# ମଧ୍ୟାହ୍ନ ଭୋଜନ ଚାଉଳ, ପରିବା ନେବା ବେଳେ ଧରାପଡିଲା

## ପଣ୍ଟିଖାରି ବିଦ୍ୟାଳୟରେ ଅସନ୍ତୋଷ

ଜଗନ୍ନାଥପ୍ରସାଦ,୨୦।୯ (ବିଭୁ ପ୍ରସାଦ ପଟ୍ଟନାୟକ)

ଜଗନ୍ନାଥପ୍ରସାଦ ବ୍ଲକ ପଣ୍ଟିଖାରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରୁଥିବା ପାଚିକା ଓ ସହାୟିକା ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରାଯାଉଥିବା ଖାଦ୍ୟକୁ କମ ରୋଷେଇ କରି ଚାଉଳ ଓ ପରିବା ଆଦି ଘରକୁ ନେଇଯାଉଥିବା ଜଣାପଡିବା ପରେ ଅସନ୍ତୋଷ ପ୍ରକାଶ ପାଇଛି। ଏପରି ଚାଉଳ ଓ ପରିବା ଘରକୁ ନେବାକୁ ରଖିଥିବା ବେଳେ ଶୁକ୍ରବାର ଧରାପଡିଛି। ଏହାକୁ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଜବତ କରିଛନ୍ତି। ଏହି ବିଦ୍ୟାଳୟରେ ପ୍ରାୟ ଦୁଇଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଶୁକ୍ରବାର ୧୨୦ ଜଣ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟାହ୍ନ ଭୋଜନ ପାଇଁ ଆବଶ୍ୟକ ଚାଉଳ ଓ ପରିବା ସ୍କୁଲ ପକ୍ଷରୁ ପ୍ରଦାନ କରାଯାଇଥିଲା। ହେଲେ ନିମ୍ନମାନର ଖାଦ୍ୟ ଓ ପିଲାଙ୍କୁ ଖାଦ୍ୟ ପାଇ ନ ଥିବା ଜାଣିବା ପରେ ଦାୟିତ୍ୱରେ ଥିବା ଶିକ୍ଷକ ଓ କିଛି ଛାତ୍ରୀଛାତ୍ର ରୋଷେଇ ଶାଳକୁ ଯାଇ ଯାଞ୍ଚ କରିଥିଲେ। ସେଠାରେ ପ୍ରାୟ ପାଞ୍ଚ କିଲୋ ପରିବା ଓ ଚାରି କିଲୋ ଚାଉଳ ରୋଷେଇ ନ କରି ଘରକୁ ନେଇଯିବାକୁ ଉଦ୍ୟମ କରୁଥିବା ଜଣାପଡିଥିଲା। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ଜାଣିବା ପରେ ପାଚିକା ଭାବେ ଥିବା ତିନି ମହିଳାଙ୍କୁ ଡାକି ଘଟଣା ସମ୍ପର୍କରେ ପଚାରିଥିଲେ। ସେମାନେ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଶନିବାର ବିଦ୍ୟାଳୟ ପରିଚାଳନା କମିଟିକୁ ଡକାଇ ଏନେଇ ଆଲୋଚନା ହେବ। ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଧାନଶିକ୍ଷକ କହିଛନ୍ତି। ପାଚିକାଙ୍କ ଏପରି କାର୍ଯ୍ୟକୁ ଗ୍ରାମବାସୀ ନିନ୍ଦା କରିଛନ୍ତି।

# ‘ଚାଷୀଙ୍କ ଅର୍ଥନୀତି ସୁଦୃଢ଼ କରାଯାଉଛି’

ବ୍ରହ୍ମପୁର,୨୦।୯(ନରସିଂହ ସାହୁ)

ବ୍ରହ୍ମପୁର ସମବାୟ କେନ୍ଦ୍ର (ବିସିସି) ବ୍ୟାଙ୍କର ୭୮ତମ ବାର୍ଷିକ ସାଧାରଣ ବୈଠକ ଶୁକ୍ରବାର ବ୍ୟାଙ୍କର ବ୍ରହ୍ମପୁରସ୍ଥ ମୁଖ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଓ ଗଜପତି ଜିଲାରେ କୃଷି ଓ କୃଷକଙ୍କ ବିକାଶ ନିମନ୍ତେ ଏହି ବ୍ୟାଙ୍କ ସବୁ ବର୍ଷ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିବା କୁହାଯାଇଛି। ଚାଷୀଙ୍କୁ କୃଷିଋଣ ଲଗାଣ ସମବାୟ ମାଧ୍ୟମରେ ସେମାନଙ୍କ ଅର୍ଥନୀତି ସୁଦୃଢ଼ କରାଯାଉଛି ବୋଲି ବ୍ୟାଙ୍କ ପରିଚାଳନା ପରିଷଦର ସଭାପତି ଶିବରାମ ପାତ୍ର ସୂଚନା ଦେଇଛନ୍ତି। ଅର୍ଥନୈତିକ କ୍ଷେତ୍ରରେ ମହିଳାଙ୍କୁ ସ୍ୱାବଲମ୍ବୀ କରାଇବାରେ ବ୍ୟାଙ୍କ ଉଲ୍ଲେଖନୀୟ ପଦକ୍ଷେପ ନେଇଥିବା ଦର୍ଶାଇଛନ୍ତି।

ବୈଠକରେ ଅଧ୍ୟକ୍ଷତା କରି ସଭାପତି ଆହୁରି କହିଥିଲେ, ଶତାଧିକ ବର୍ଷର ଏହି ସମବାୟ ବ୍ୟାଙ୍କ ସୁପରିଚାଳନା ଲାଗି ଅତୀତରେ ଏକାଧିକ ଥର ଜାତୀୟ ପୁରସ୍କାର ହାସଲ କରି ଗୌରବ ଆଣିବାରେ ସକ୍ଷମ ହୋଇଥିବା ନଜିର ଅଛି। ଦୁଇ ଜିଲାର ଚାଷୀଙ୍କୁ ସମବାୟ ସୋସାଇଟି ଓ ମାଳ ଅଞ୍ଚଳର ଲ୍ୟାମ୍ପସ୍ ଦ୍ୱାରା ଋଣ ଲଗାଣ କରୁଛି। ଖରିଫ ଓ ରବି ଚାଷ ନିମନ୍ତେ ହଜାର ହଜାର ଚାଷୀଙ୍କୁ କୃଷିଋଣ ଦିଆଯାଉଛି ଏବଂ ଆଦାୟକୁ ମଧ୍ୟ କଡ଼ାକଡ଼ି କରାଯାଉଛି। ମିଶନ ଶକ୍ତି ମହିଳାଙ୍କୁ ସବୁ ପ୍ରକାର ସହାୟତା ଦିଆଯାଉଛି। ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ଏବଂ ନାବାର୍ଡ ଠାରୁ ସହାୟତା ଆଣି ସୋସାଇଟିଗୁଡ଼ିକ ଜରିଆରେ ଚାଷୀଙ୍କୁ କୃଷିଋଣ ଦିଆଯାଉଛି। ୨୦୨୩-୨୪ ଆର୍ଥିକ ବର୍ଷରେ ବ୍ୟାଙ୍କ ୪ କୋଟିରୁ ଅଧିକ ଟଙ୍କା ନିଟ୍ ଲାଭ କରିଛି।ବ୍ୟାଙ୍କର ନିଜସ୍ୱ ପାଣ୍ଠି ବୃଦ୍ଧି ପାଇବାରେ ଲାଗିଛି। ଲୋକଙ୍କ ଆସ୍ଥାଭାଜନ ହୋଇଥିବାରୁ ଜମା ସଂଗ୍ରହ ମଧ୍ୟ ଆଶାନୁରୂପ ହୋଇଥିବା ସଭାପତି ଅଭିଭାଷଣରେ ସ୍ପଷ୍ଟ କରିଥିଲେ। ପ୍ରାରମ୍ଭରେ ବ୍ୟାଙ୍କ ପରିଚାଳନା ବୋର୍ଡ ସମ୍ପାଦକ ତଥା ସିଇଓ ଭରତ ଚନ୍ଦ୍ର ସାହୁ ୨୦୨୨-୨୩ ଓ ୨୩-୨୪ ବର୍ଷର ବିବରଣୀ ପାଠ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପରିଚାଳନା ବୋର୍ଡ ଉପସଭାନେତ୍ରୀ ଗୀତାଞ୍ଜଳି ପ୍ରଧାନଙ୍କ ସମେତ ପ୍ରଶାନ୍ତ

**■ବିସିସି ବ୍ୟାଙ୍କର ୭୮ତମ ସାଧାରଣ ବୈଠକ**

କୁମାର ନାୟକ, ରାମମୋହନ ପଣ୍ଡା, ଦୁର୍ଯ୍ୟୋଧନ ପରିଡ଼ା, ବାବୁ ନାୟକ, ଡ଼. ସଂଜିବ ରାଓ, ଦିଲେଶ୍ୱର ରାଓ, ବି. ଧନଞ୍ଜୟଲୁ, କେ. କିରଣ କୁମାର, ପୀତବାସ ଭୂୟାଁ, ଚନ୍ଦ୍ରଶେଖର ନାୟକ, କୁରି କୁମାରୀ ଦାସ, ବିଷ୍ଣୁପ୍ରିୟା ନାୟକ, ସୁଷମା ବେହେରା, ଭବାନୀ ଶଙ୍କର ବିଶ୍ୱାଳ ଓ ରାଜେନ୍ଦ୍ର ପ୍ରସାଦ ରଣସିଂ ନାୟକ ନିର୍ଦ୍ଦେଶିକା ଓ ନିର୍ଦ୍ଦେଶକମାନେ ମଞ୍ଚାସୀନ ଥିଲେ। ସମବାୟ ବିଭାଗର ଡିଆରସିଏସ, ଏଆରସିଏସ, ନାବାର୍ଡର ଡିଜିଏମ ଓ ଅନ୍ୟମାନେ ଯୋଗ ଦେଇଥିଲେ। ଉଲ୍ଲେଖନୀୟ ସେବା ପାଇଁ କେତେକ ସୋସାଇଟି ସମ୍ପାଦକଙ୍କୁ ପୁରସ୍କୃତ କରାଯାଇଥିଲା। ଆଲୋଚନାରେ ବୃନ୍ଦାବନ ଖଟେଇଙ୍କ ସମେତ ଅନ୍ୟ ସୋସାଇଟିର କର୍ମକର୍ତ୍ତା ଭାଗ ନେଇଥିଲେ। ଦୁଇ ଜିଲାର ସୋସାଇଟି ସମ୍ପାଦକ, ସଭାପତି ପ୍ରମୁଖ ଯୋଗ ଦେଇଥିଲେ।



ବିସିସି ବ୍ୟାଙ୍କର ସାଧାରଣ ବୈଠକରେ ଉପସ୍ଥିତ ସଭାପତି ଓ ଅନ୍ୟ କର୍ମକର୍ତ୍ତାମାନେ ।

# ଗ୍ରାହକ ହୋଇଆସି ଦୋକାନରୁ ଗହଣା ଚୋରି

ବ୍ରହ୍ମପୁର,୨୦।୯(ସୁବାସ ଚନ୍ଦ୍ର ପାଢ଼ୀ): ଗ୍ରାହକ ହୋଇଆସି ଜଣେ ବ୍ୟକ୍ତି ଦୋକାନରୁ ସୁନା ଗହଣା ଚୋରାଇ ନେଇଛନ୍ତି। ଦୋକାନ ମାଲିକ ସତ୍ୟନାରାୟଣ ସେନାପତି ଏ ସମ୍ପର୍କରେ ବଡ଼ବଜାର ଥାନାରେ ଅଭିଯୋଗ କରିଛନ୍ତି। ଦୋକାନ ଭିତରେ ଲାଗିଥିବା ସିସିଟିଭି ଫୁଟେଜ ସଂଗ୍ରହ କରି ପୋଲିସ ତଦନ୍ତ କରୁଛି। ବଡ଼ବଜାରରେ ଥିବା କେଶବ ଜୁଏଲାରୀର ମାଲିକ ଗୁରୁବାର ଶୋ’ କେସରେ ରଖିଥିବା ସୁନାଗହଣା ଷ୍ଟକ ଯାଞ୍ଚ କରିବା ବେଳେ ଏକ କାନଫୁଲ ନ ଥିବା ଦେଖିଥିଲେ। ଦୋକାନରେ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ସେ ପଚରାଉଚରା କରିଥିଲେ। ଶେଷରେ ଦୋକାନରେ ଲାଗିଥିବା କ୍ୟାମେରା ଯାଞ୍ଚ କରିବାରୁ ଗତ ୧୫ ତାରିଖ ଅପରାହ୍ନରେ ଜଣେ ବ୍ୟକ୍ତି କାନଫୁଲ କିଣିବା ବାହାନାରେ ଦେଖୁଥିବା ଜଣାପଡିଥିଲା। ସେଠାରେ ଥିବା ଦୋକାନ କର୍ମଚାରୀ ଜଣକ ଅନ୍ୟ କିଛି କାମ କରୁଥିବା ଦେଖି କୌଶଳକ୍ରମେ ଗ୍ରାହକ ଜଣକ ସେଠାରୁ ସାଢ଼େ ୬ ଗ୍ରାମ ଓଜନର ସୁନା କାନଫୁଲକୁ ପକେଟରେ ରଖି ବାହାରକୁ ଚାଲିଯାଇଥିବା ସିସିଟିଭି ଫୁଟେଜରେ ରହିଛି। ଦୋକାନ ମାଲିକ ଏନେଇ ଥାନାରେ ଅଭିଯୋଗ କରିବା ସହ ଉକ୍ତ ଫୁଟେଜକୁ ମଧ୍ୟ ପୋଲିସକୁ ଦେଇଛନ୍ତି। ନଂ. ୩୨୭/୨୪ ରେ ମାମଲା ରୁଜୁ ହୋଇଛି।

# ଚୋରି ଅଭିଯୋଗ, ୨ ଜଣଙ୍କୁ ବାନ୍ଧିଲା ପୋଲିସ

ବ୍ରହ୍ମପୁର,୨୦।୯(ସୁବାସ ଚନ୍ଦ୍ର ପାଢ଼ୀ): ବୈଦ୍ୟନାଥପୁର ପୋଲିସ ଚୋରି ଅଭିଯୋଗରେ ଶୁକ୍ରବାର ୨ ଜଣଙ୍କୁ ବାନ୍ଧିଛି। ସେମାନେ ହେଲେ ଲାଞ୍ଜିପଲି ଢ଼ିପ ସାହିର ନରସିଂହ ଶବର ଓ ବାବୁ ଗୌଡ଼ । ସେମାନଙ୍କ ନିକଟରୁ ବିଦ୍ୟୁତ ତାର, ସିଗାରେଟ ପ୍ୟାକେଟ, ସାବୁନ, ଇତ୍ୟାଦି ଜବତ ହୋଇଛି। ସେହିପରି ଚୋରି ସାମଗ୍ରୀ ବିକି ରଖିଥିବା ୩୨୦୦ ଟଙ୍କା ମଧ୍ୟ ଜବତ ହୋଇଛି। ଉଭୟଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ପୋଲିସ ତଦନ୍ତ ବେଳେ ଜଣାପଡିଛି। ମାମଲା ନଂ. ୩୬୯/୨୪ରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ସୁଚିତ୍ରା ପରଡା ସୂଚନା ଦେଇଛନ୍ତି। ଗତ ଅଗଷ୍ଟ ୮ ତାରିଖ ରାତିରେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଲାଞ୍ଜିପଲି ଓଭର ବ୍ରିଜ ନିକଟରେ ଥିବା ଏକ ଦୋକାନରୁ ଚୋରି ହୋଇଥିଲା। ଦୋକାନ ମାଲିକ ଟି.ମୋହନ ରାଓ ଏଏଇ ଥାନାରେ ଅଭିଯୋଗ କରିଥିଲେ। ତାଲା ଭାଙ୍ଗି ଦୁର୍ବୃତ୍ତ ଦୋକାନରେ ଥିବା ସିଗାରେଟ, ପାନମସଲା, ସାବୁନ ଇତ୍ୟାଦି ଚୋରି କରି ନେଇଯାଇଥିଲେ। ପୋଲିସ ସିସିଟିଭି ଫୁଟେଜରୁ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ର ସଙ୍ଗଠନର ବୈଠକ



ବ୍ରହ୍ମପୁର,୨୦।୯(ସ୍ୱାଧୀନ ଶେଖର ପାଢ଼ୀ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନୂତନ ସମ୍ମିଳନୀ କକ୍ଷରେ ଶୁକ୍ରବାର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଏଂ ସଂଗଠନର ସଭାପତି ପ୍ରଫେସର ଜୟନ୍ତ କୁମାର ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ ୨୦୨୪ ଶିକ୍ଷା ବର୍ଷର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ର ସଂଗଠନର ପ୍ରଥମ ବୈଠକ ସ୍ନାକୋତ୍ତରର ବିଭାଗର ଅଧକ୍ଷ ପ୍ରଫେସର୍ ସୁକାନ୍ତ କୁମାର ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ପୁରାତନ ଛାତ୍ର ପ୍ରଫେସର ପ୍ରଶାନ୍ତ କୁମାର ତ୍ରିପାଠୀ ଯୋଗ ଦେଇ ‘ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ଭାରତୀୟ ପ୍ରଦ୍ୟୋଗିକ ପ୍ରତିଷ୍ଠାନ ମାଡ୍ରାସ ପର୍ଯ୍ୟନ୍ତ ଯାତ୍ରା’ ଶୀର୍ଷକ ଉପରେ କହି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଛାତ୍ର ଜୀବନରୁ ଭାରତୀୟ ପ୍ରଦ୍ୟୋଗିକ ପ୍ରତିଷ୍ଠାନ ମାଡ୍ରାସ ପ୍ରାଧାପକ ପର୍ଯ୍ୟନ୍ତ ନିଜର ଜୀବନ ଅନୁଭୂତିକୁ ଛାତ୍ରମାନଙ୍କୁ କହିଥିଲେ। ଉଚ୍ଚଶିକ୍ଷା ଓ ଗବେଷଣାର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ପୁରାତନ ଛାତ୍ର ସମ୍ମିଳନୀର ଉପସଭାପତି ପ୍ରଫେସର ସିଦ୍ଧାର୍ଥ ଶଙ୍କର ପଣ୍ଡା ସ୍ୱାଗତ ଭାଷଣ, ଅତିଥି ପରିଚୟ ଓ ସମ୍ମିଳନୀର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ସ୍ନାତକୋତ୍ତରର କିଛି ଛାତ୍ରୀଛାତ୍ରଙ୍କ ମନରେ ଥିବା ପ୍ରଶ୍ନର ଉତ୍ତର ମଧ୍ୟ ମୁଖ୍ୟ ଅତିଥି ଦେଇଥିଲେ। ଶେଷରେ ସମ୍ପାଦକ ଡ଼. ସତ୍ୟନାରାୟଣ ସାହୁ ଧନ୍ୟବାଦ ଦେଇଥିଲେ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଜିଲାସ୍ତରୀୟ ପ୍ରତିଷ୍ଠା ଦିବସ

ବ୍ରହ୍ମପୁର,୨୦।୯(ସ୍ୱାଧୀନ ଶେଖର ପାଢ଼ୀ): କରାପଲ୍ଲୀସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟରେ ଶୁକ୍ରବାର ଜିଲାସ୍ତରୀୟ ୧୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ଜିଲା ଶିକ୍ଷା ଅଧିକାରୀ ଅମିତା ପଟ୍ଟନାୟକ ଅଧକ୍ଷତା କରିବା ସହ ଛାତ୍ରୀଛାତ୍ର ମାନଙ୍କୁ ଶୃଙ୍ଖଳିତ, ସମୟାନୁବର୍ତ୍ତିତା, ଭଲ ପାଠପଢ଼ି ବିଦ୍ୟାଳୟର ସୁନାମ ଅର୍ଜନ କରିବାକୁ କହିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦର ଉପ ସଭାନେତ୍ରୀ ରାଜେଶ୍ୱରୀ ଦୋରା ଯୋଗ ଦେଇ ଭଲ ପାଠ ପଢିବା ସହ ଭଲ ମଣିଷ ହେବାକୁ ପରାମର୍ଶ ଦେଇ ଥିଲେ । ସମ୍ମାନିତ ଅତିଥି ଭାବେ ସହକାରୀ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତ ରଞ୍ଜନ ପାଣ୍ଡେ, ସିଟି ହାଇସ୍କୁଲର ପ୍ରଧାନ ଶିକ୍ଷକ ପନଗ ଭୂଷଣ ମାଝୀ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ରାମ ଚନ୍ଦ୍ର ମହାରଣା, ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଦେବେନ୍ଦ୍ର ବେହେରା, ବିଦ୍ୟାଳୟ ଉନ୍ନୟନ ପରିଚାଳନା କମିଟିର ସଭ୍ୟା ଡ଼. ଉଷା ରାଣୀ ବ୍ରହ୍ମା,୫୫ ନମ୍ବର ଜୋନର ଜିଲ୍ଲା ପରିଷଦ ତୋପଇ ଦାସ, ନୋଡାଲ ପ୍ରିନସିପାଲ ଅରୁଣ କୁମାର ପଟେଲ, ବିଦ୍ୟାଳୟର ଅଧକ୍ଷ ବିଭୂତି ଭୂଷଣ ଶତପଥୀ ପ୍ରମୁଖ ମଞ୍ଚାସିନ ଥିଲେ । ଏଥିରେ ଜିଲ୍ଲାର ୨୨ ବ୍ଲକ ଅଧକ୍ଷ, ଉପାଧକ୍ଷ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ । ପୂର୍ବରୁ ଆୟୋଜିତ ବିତର୍କ, କୁଇଜ, ଲୋକ ନୃତ୍ୟ, ପାରମ୍ପରିକ ନୃତ୍ୟ ଆଦିର କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କାର ବିତରଣ ଉତ୍ସବରେ ରଙ୍ଗେଇଲୁଣ୍ଡା ବିଡ଼ିଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଛାତ୍ରୀଛାତ୍ର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭାଲେନଟିନା ନାୟକ ଓ ବନ୍ଦିତା ମହାନ୍ତି ମଞ୍ଚ ପରିଚାଳନା କରିଥିଲେ ।

# ଜାତୀୟସ୍ତରୀୟ ସ୍କେଟିଂରେ ଭାଗନେବେ ଅକ୍ସଫୋର୍ଡ ପବ୍ଲିକ ସ୍କୁଲ ଛାତ୍ରୀ



ବ୍ରହ୍ମପୁର,୨୦।୯(ସ୍ୱାଧୀନ ଶେଖର ପାଢ଼ୀ):

ସ୍ଥାନୀୟ ଲାଞ୍ଜିପଲି ଜାତୀୟ ରାଜପଥ ପାର୍ଶ୍ୱସ୍ଥ ଅକ୍ସଫୋର୍ଡ଼ ପବ୍ଲିକ ସ୍କୁଲର ଷଷ୍ଠ ଶ୍ରେଣୀ ଛାତ୍ରୀ ରିତିଶା ପଣ୍ଡା ଜାତୀୟସ୍ତରୀୟ ସ୍କେଟିଂ ପ୍ରତିଯୋଗିତାରେ ଭାଗ ନେବାପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ ଛତିଶଗଡ଼ରେ ହୋଇଥିବା ସିବିଏସଇର ଜୋନାଲସ୍ତରର ସ୍କେଟିଂ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରତିପାଦନ କରି ନୂଆଦିଲ୍ଲୀରେ ହେବାକୁ ଥିବା ଜାତୀୟସ୍ତରୀୟ ସ୍କେଟିଂ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି। ଏହି ସଫଳତାକୁ ନେଇ ସ୍କୁଲରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅନୁଷ୍ଠାନର ନିର୍ଦ୍ଦେଶକ ଇଂ. ଅଶୋକ କୁମାର ପାଳ ଯୋଗ ଦେଇଥିଲେ ।

# ଗଞ୍ଜାମରେ ୭୫ ଡେଙ୍ଗୁରେ ଆକ୍ରାନ୍ତ ହେଲେଣି

ବ୍ରହ୍ମପୁର,୨୦।୯(ସୁବାସ ଚନ୍ଦ୍ର ପାଢ଼ୀ) : ଗଞ୍ଜାମ ଜିଲ୍ଲାରେ ଡେଙ୍ଗୁ ପଜିଟିଭ ସଂଖ୍ୟା ୭୫ରେ ପହଞ୍ଚିଲାଣି। ଜିଲାରେ ଦିନକୁ ଦିନ ପଜିଟିଭ ସଂଖ୍ୟା ବୃଥିବାରୁ ବର୍ତ୍ତମାନ ତାହା ଚିନ୍ତାର କାରଣ ହୋଇଛି। ବର୍ତ୍ତମାନ ଏମକେସିଜି ମେଡିକାଲ କାଜୁଆଲଟି ସ୍ଥିତ ଡେଙ୍ଗୁ ୱାର୍ଡ଼ରେ ଜଣେ ରୋଗୀ ଚିକିତ୍ସାଧୀନ ରହିଛନ୍ତି। ଅନ୍ୟମାନେ ସୁସ୍ଥ ହୋଇ ସାରିଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ସୂଚନା ମିଳିଛି। ବର୍ତ୍ତମାନ ସୁଦ୍ଧା ଜିଲାରେ ମୋଟ ୨ହଜାର ୩୦୭ ନମୁନା ପରୀକ୍ଷା କରାଯାଇଛି। ସେଥିମଧ୍ୟରୁ ୭୫ ନମୁନା ପଜିଟିଭ ଚିହ୍ନଟ ହୋଇଛି। ମୋଟ ପଜିଟିଭ ମଧ୍ୟରୁ ୪୧ଜଣ ରୋଗୀ ବାହାର ରାଜ୍ୟ କିମ୍ବା ଜିଲ୍ଲାରୁ ସଂକ୍ରମିତ ହୋଇ ଆସିଥିବା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ସୂଚନା ଦିଆଯାଇଛି। ସ୍ଥିର ପାଣିରେ ଏଡିସ ମଶା ସୃଷ୍ଟି ହେଉଥିବାରୁ ଦୀର୍ଘଦିନ ଧରି ଗୋଟିଏ ସ୍ଥାନରେ ପାଣି ଜମା ନ ରଖିବାକୁ ସ୍ୱାସ୍ଥ୍ୟ ବିଭାଗ ତରଫରୁ କୁହାଯାଇଛି।

# କନ୍ଧମାଳ ହଳଦୀକୁ ନେଇ କ୍ରେତା ବିକ୍ରେତା ସମ୍ମିଳନୀ

## ଯୋଗଦେଲେ ଏମ୍‌ପି

ଜି.ଉଦୟଗିରି,୨୦।୯(ଚିନ୍ମୟ କୁମାର ସେଠୀ):

ସ୍ଥାନୀୟ ସମନ୍ୱିତ ସଭା ଗୃହ ଠାରେ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟର କୃଷି ଓ ପ୍ରକ୍ରିୟାକରଣ ଖାଦ୍ୟ ଉତ୍ପାଦ ରପ୍ତାନି ଉନ୍ନୟନ କର୍ତ୍ତୃପକ୍ଷ 'ଏପିଇଡିଏ' ପକ୍ଷରୁ କନ୍ଧମାଳ ଜିଲା ପ୍ରଶାସନ ଓ ଅନନ୍ୟା ସଙ୍ଗଠନ ସହଯୋଗରେ ଗୋଟିଏ ଜିଲା ଗୋଟିଏ ଉତ୍ପାଦ କନ୍ଧମାଳ ହଳଦୀକୁ ନେଇ କ୍ରେତାବିକ୍ରେତା ସମ୍ମିଳନୀରେ ରପ୍ତାନୀ ଭିତ୍ତିକ କ୍ଷମତା ବୃଦ୍ଧି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ନାବାର୍ଡ, କୃଷି ବିଜ୍ଞାନ କେନ୍ଦ୍ର କନ୍ଧମାଳ, ଜିଲା କୃଷି ବିଭାଗ, ଉଦ୍ୟାନ କୃଷି ବିଭାଗ, ସ୍ୱାତୀ ସ୍ୱେଚ୍ଛାସେବୀ ସଙ୍ଗଠନ, ସ୍ୱୟଂ ସହାୟକ ଗୋଷ୍ଠୀ, କୃଷକ ଉତ୍ପାଦକ କମ୍ପାନୀ, କୃଷକ ଉତ୍ପାଦକ ସଂଗଠନ ଓ ଏପିଇଡିଏ



ପଞ୍ଜୀକୃତ ରପ୍ତାନିକାରୀ ପ୍ରତିନିଧି ଏଥିରେ ଯୋଗଦେଇଥିଲେ। କନ୍ଧମାଳ ହଳଦୀକୁ ବିଶ୍ୱ ସ୍ତରୀୟ ଉତ୍ପାଦ କରିବା ପାଇଁ ଜିଆଇ ମାନ୍ୟତା ସହ ରପ୍ତାନୀ ଓ ମାର୍କେଟିଂକୁ ଗୁରୁତ୍ୱ ଦେବା, ହଳଦୀ ଚାଷୀଙ୍କୁ ଉଚିତ୍ ମୂଲ୍ୟ ଦେବା ପାଇଁ ରପ୍ତାନିକାରୀମାନଙ୍କୁ ଏମ୍‌ପି ପରାମର୍ଶ ଦେଇଥିଲେ। ସ୍ଥାନୀୟ କୃଷକଙ୍କ ଆୟ ବୃଦ୍ଧି ପାଇଁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ଏପିଇଡିଏ ପୂର୍ବାଞ୍ଚଳର ଆଞ୍ଚଳିକ ମୁଖ୍ୟ ସୀତାକାନ୍ତ ମଣ୍ଡଳ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ କୃଷି ଅଧିକାରୀ ତୁଷାରକାନ୍ତି ସାମଲ, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଦେବ ପ୍ରସାଦ ରାଉତରାୟ, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ନାରାୟଣ ବାର, ଏକ୍ସପୋର୍ଟର ସୁରେନ୍ଦ୍ର ମନ୍ତ୍ରୀ, ଅନନ୍ୟ ସଙ୍ଗଠନର ପରିଚାଳନା ନିର୍ଦ୍ଦେଶକ ଅମରେଶ୍ୱର ମିଶ୍ର, କାର୍ଯ୍ୟକାରୀ ସମ୍ପାଦକ ବସନ୍ତ କୁମାର ବଡୁ, କୋଷାଧ୍ୟକ୍ଷ ତାରେଶ୍ୱର ପାଣି, ପ୍ରଶାନ୍ତ କୁମାର ଶତପଥୀ ଯୋଗଦାନ କରିବା ସହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, କୃଷି ଉତ୍ପାଦ ସଂଘ ଓ ଫେଡେରେସନ କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ସଂଗଠନ ଏବଂ ସ୍ଥାନୀୟ ହଳଦୀ ଚାଷୀ ଯୋଗ ଦେଇଥିଲେ। ଅନନ୍ୟାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସ୍ୱାତୀର ସଂଯୋଜିକା ସୁସ୍ମିତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କଲେ ବିଡିଓ

ଧରାକୋଟ,୨୦।୯(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ବିଡିଓ ଡେନିସ ବେହେରାଙ୍କ ସହ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅନିଲ ପ୍ରଧାନ ଶୁକ୍ରବାର ଅଚାନକ ବଳରାମପୁରସ୍ଥିତ ସରକାରୀ ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏହି ସମୟରେ ବିଦ୍ୟାଳୟର ପରିଷ୍କାର ପରିଚ୍ଛନ୍ନତା ପରିବେଶ ଉପରେ ବିଡିଓ ଗୁରୁତ୍ୱ ଦେବା ସହ ଷ୍ଟୋର ରୁମ୍, ରୋଷେଇ ଘର, ପାଇଖାନା, ଶୌଚାଳୟ, ପ୍ରତ୍ୟେକ ଶ୍ରେଣୀ ଗୃହ ବୁଲି ଦେଖିଥିଲେ। ଅନ୍ତେବାସୀଙ୍କୁ ସେମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ଛାତ୍ରାବାସର କାଗଜପତ୍ର ଯାଞ୍ଚ କରିଥିଲେ। ପ୍ରଧାନ ଶିକ୍ଷକ ଅଜୟ ଦାସ ଓ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉଭୟ ଅଧିକାରୀଙ୍କୁ ବିଭିନ୍ନ ତଥ୍ୟ ପ୍ରଦାନରେ ସହଯୋଗ କରିଥିଲେ।

### ନିଷ୍ଟ ବିଶ୍ୱବିଦ୍ୟାଳୟରେ ଖାଉଟି ସମ୍ପର୍କ କାର୍ଯ୍ୟକ୍ରମ

ଗୋପାଳପୁର,୨୦।୯(ନବୀନ ରାଜ ଆଚାରୀ)

ନିଷ୍ଟ ଘରୋଇ ବିଶ୍ୱବିଦ୍ୟାଳୟରେ ଖାଉଟି ସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହାଇଦ୍ରାବାଦସ୍ଥିତ ଭାରତୀୟ ଦୂରସଞ୍ଚାର ନିୟାମକ ପ୍ରାଧିକରଣ (ଟ୍ରାଇ)ର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ବ୍ରହ୍ମପୁରସ୍ଥିତ ନିଷ୍ଟ ବିଶ୍ୱବିଦ୍ୟାଳୟ ସହଯୋଗରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ନିଷ୍ଟର ପ୍ରତିଷ୍ଠାତା ଡ.ସୁକାନ୍ତ କିଶୋର ମହାପାତ୍ର, ଭାରପ୍ରାପ୍ତ କୁଳପତି ଡ. ପି. ରାଜେଶ କୁମାର, ଟ୍ରାଇର ଯୁଗ୍ମ ଉପଦେଷ୍ଟା ଭିଏସ୍ ରାଜୁ, ଦୂରସଞ୍ଚାର ନିର୍ଦ୍ଦେଶକ ଗୁରୁଦାସ ମେହେର, ନିର୍ଦ୍ଦେଶକ (ସୁରକ୍ଷା) ଡଟ୍ ଭୁବନେଶ୍ୱର, ବ୍ରହ୍ମପୁର ସାଇବର ସିକ୍ୟୁରିଟି ଥାନା ଇନ୍ସପେକ୍ଟର ଭାଲେଣ୍ଟିନା ରାୟ, ଟ୍ରାଇର ଏସ୍‌ଆରଓ ସି.ଉଦୟ କୁମାର ପ୍ରମୁଖ ଉପସ୍ଥିତ ରହି ଖାଉଟି ସମ୍ପର୍କ, ଆର୍ଥିକ ଠକେଇ ଓ ସୁରକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ। ଡ. ପ୍ରଦ୍ୟୁମ୍ନ ପାତ୍ର, ଡ. ରାଜେଶ ପାଇକୋଷୀ, ଡ. ଅସିତ ପଣ୍ଡା, ପୀତାମ୍ବର ସାହୁ ସହାୟତା କରିଥିଲେ।

### ବ୍ରାହ୍ମଣୀଗାଁ ଥାନାରେ ନୂଆ ଆଇଆଇସି

ଦାରିଙ୍ଗବାଡି, ୨୦।୯ (ଅରୁଣ ସାହୁ)



କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ଥାନାରେ ନୂତନ ଆଇଆଇସି ଭାବେ ବିଜୟ ହାଇବୁରୁ ଯୋଗଦେଇଛନ୍ତି। ସେ ଫୁଲବାଣୀ ଏସ୍‌ପି କାର୍ଯ୍ୟାଳୟରୁ ଏଠାକୁ ବଦଳି ହୋଇ ଆସିଛନ୍ତି। ବ୍ରାହ୍ମଣୀଗାଁ ଥାନା ଅଞ୍ଚଳରେ ଅପରାଧ ଘଟାଉଥିବା ଅଭିଯୁକ୍ତଙ୍କୁ ଧରିବା, ଟ୍ରାଫିକ ସମସ୍ୟାର ସମାଧାନ ଏବଂ ଲୋକଙ୍କୁ ନ୍ୟାୟ ଦେବା ତାଙ୍କର ପ୍ରାଥମିକତା ହେବ ବୋଲି ଏହି ଅବସରରେ ହାଇବୁରୁ କହିଛନ୍ତି। ଆଇଆଇସି ଥାନାରେ ପହଞ୍ଚିବା ପରେ ତାଙ୍କୁ ଏସ୍‌ଆଇ ଅମରେନ୍ଦ୍ର ସୁବୁଦ୍ଧି ଓ ଅନ୍ୟ ଅଧିକାରୀମାନେ ସ୍ୱାଗତ କରିଥିଲେ।

### ଦୁର୍ଗାପୂଜା ଶୁଭଖୁଣ୍ଟି ସ୍ଥାପନ

ବୁଗୁଡ଼ା,୨୦।୯(କାଳିଚରଣ ଦାଶ)

ବୁଗୁଡା ବସଷ୍ଟାଣ୍ଡ ଦୁର୍ଗାପୂଜା କମିଟି ପକ୍ଷରୁ ମା' ଦୁର୍ଗାଦେବୀଙ୍କ ପୂଜା ଉପଲକ୍ଷେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ବଳଦେବ ମନ୍ଦିର ଓ ବିରଞ୍ଚି ନାରାୟଣ ମନ୍ଦିରରେ ପୂଜାର୍ଚ୍ଚନା ପରେ ମା'ଙ୍କ ପୂଜା ମଣ୍ଡପସ୍ଥଳରେ ଶୁଭଖୁଣ୍ଟି ସ୍ଥାପନ ହୋଇଥିଲା। ପୁରୋହିତ ମନୋଜ ଦାଶ ଓ ପ୍ରଦୀପ ଦାଶ ପୂଜା ସମ୍ପନ୍ନ କରିଥିଲେ। କମିଟି ସମ୍ପାଦକ ସନ୍ତୋଷ ପ୍ରଧାନ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସଭାପତି ପବିତ୍ର ନାୟକ, ଉପଦେଷ୍ଟା ଅନିଲ ପଟ୍ଟନାୟକ, ଉପସଭାପତି ଅନୋଜ ପଟ୍ଟନାୟକ, କୋଷାଧ୍ୟକ୍ଷ ବିଦ୍ୟାଧର ନାୟକ ଏନ୍‌ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ ଉପସ୍ଥିତ ଥିଲେ।

# ଭାଜପା ସମବାୟ ପ୍ରକୋଷ୍ଠ ପକ୍ଷରୁ କର୍ମଶାଳା

## ସଦସ୍ୟତା ଅଭିଯାନ

ରାଇକିଆ,୨୦।୯(ପ୍ରଦୀପ ବେହେରା)

କନ୍ଧମାଳ ଜିଲା ରାଇକିଆ ଆର୍‌ଏମସି ପରିସରରେ ଭାଜପା ଜିଲା ସମବାୟ ପ୍ରକୋଷ୍ଠ ତରଫରୁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀ ଯୋଗଦେଇ ସମବାୟ ସମିତି କିପରି ତୃଣମୂଳ ସ୍ତରରେ ସାଧାରଣ ଲୋକଙ୍କ ବିକାଶରେ ପ୍ରମୁଖ ଅଂଶ ବିଶେଷ ହୋଇପାରିଛି ଓ ଦେଶର ପ୍ରଗତିରେ ଭାଗୀଦାର ହୋଇଛି ସେ ସମ୍ପର୍କରେ କହିଥିଲେ। ଏଥିସହ ସଭ୍ୟ ମାନଙ୍କ ସାମାଜିକ ଓ ଆର୍ଥିକ ଅଗ୍ରଗତି, ସମିତିର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ସେହିପରି ଭାଜପାର ସଦସ୍ୟତା ଅଭିଯାନରେ କିପରି ସମବାୟ ପ୍ରକୋଷ୍ଠର ସହଭାଗିତା ରହିବ ଏବଂ ସଦସ୍ୟମାନେ ଏହି ଅଭିଯାନକୁ ତ୍ୱରାନ୍ୱିତ କରିପାରିବେ ସେ ନେଇ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ସମବାୟ ପ୍ରକୋଷ୍ଠ ରାଜ୍ୟ ସଂଯୋଜକ ଶ୍ରୀରଞ୍ଜନ ମଙ୍ଗରାଜ, ଜିଲା ସଭାପତି ଜଗନ୍ନାଥ ସାହୁ, ପୂର୍ବତନ ବିଧାୟକ ମନୋଜ ପ୍ରଧାନ, ଜିଲା ସାଧାରଣ ସମ୍ପାଦକ ମାନଗୋବିନ୍ଦ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ । ସମବାୟ ପ୍ରକୋଷ୍ଠର ଜିଲା ସଂଯୋଜକ ପଦ୍ମ ଚରଣ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଜିଲାର ବିଭିନ୍ନ ଅଞ୍ଚଳରୁ ସଦସ୍ୟମାନେ ଯୋଗ ଦେଇଥିଲେ । ଏହି ଅବସରରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବିଭିନ୍ନ ଦଳର ସମବାୟ ସଦସ୍ୟମାନେ ଭାଜପାରେ ସାମିଲ ହୋଇଥିଲେ ।

# ଘୁମୁସରର ସ୍ୱର ପକ୍ଷରୁ ସାହିତ୍ୟ ଆଲୋଚନାଚକ୍ର



ସମ୍ବର୍ଦ୍ଧିତ କରୁଛନ୍ତି ଅତିଥି ।

ବାଲିପଦର,୨୦।୯(ବିଶିକେଶନ ସ୍ୱାଇଁ)

ଓଡ଼ିଆ ଭାଷା, ସାହିତ୍ୟ, କଳା ଓ ସଂସ୍କୃତି ଗବେଷଣା ପ୍ରତିଷ୍ଠାନ ଘୁମୁସରର ସ୍ୱର, ବାଲିପଦର ପକ୍ଷରୁ ଇନ୍ଦୁ ପୂର୍ଣ୍ଣିମା ଅବସରରେ ଏଏମ୍‌ସିଏସ୍ ମହାବିଦ୍ୟାଳୟ ଟିକାବାଲିଠାରେ ସାହିତ୍ୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ସଭାପତି ତଥା ବାଲିପଦର ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡକ୍ଟର ବି. ପ୍ରକାଶ ଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ଅତିବଡ଼ି ଜଗନ୍ନାଥ ଦାସଙ୍କ ରଚିତ ଭାଗବତ ସମ୍ପର୍କିତ ଆଲୋଚନାଚକ୍ରକୁ ଜି.ଉଦୟଗିରି ଥାନାଧିକାରୀ ଭଗବାନ ପୂଜାରୀ ଉଦ୍‌ଘାଟନ କରିଥିଲେ। ଆଲୋଚକ ଭାବେ କବି ଅନନ୍ତ କର, ଗୌରୀଶଙ୍କର ମିଶ୍ର, ସୁକୁମାର ବିଶ୍ୱାଳ, ଡ.ଇଂ.ସଞ୍ଜୟ କୁମାର ପଣ୍ଡା, ଡ.ବିଷ୍ଣୁ ପ୍ରିୟା ପଣ୍ଡା ପ୍ରମୁଖ ଯୋଗଦେଇ ଭାଗବତକୁ ଛାଡି ଓଡ଼ିଆ ଅସ୍ମିତା କଥା ଚିନ୍ତା କରାଯାଇପାରିବ ନାହିଁ ବୋଲି କହିଥିଲେ। ତେଣୁ ଯୁବ ସମାଜ, ଛାତ୍ରୀଛାତ୍ର ପ୍ରତ୍ୟେହ ଭାଗବତ ଅଧ୍ୟୟନ କଲେ ଶୃଙ୍ଖଳିତ ଜୀବନ ପାଇବା ସହ ଏକ ସୁସ୍ଥ ସମାଜ ଗଠନ କ୍ଷେତ୍ରରେ ସହାୟକ ହୋଇପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଦ୍ୱିତୀୟ ଅଧିବେଶନରେ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା କବିତା ଆସର କବି ସଞ୍ଜୟ କୁମାର ଭୋଇଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୫୦ଜଣ କବି କବିତା ପାଠ କରିଥିଲେ। ଡ.ବିଷ୍ଣୁ ପ୍ରିୟା ପଣ୍ଡା (ଟିକାବାଲି) ଡ.ଇଂ.ସଞ୍ଜୟ କୁମାର ପଣ୍ଡା (ବୌଦ୍ଧ)ଙ୍କୁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ପାଇଁ ଘୁମୁସରର ସ୍ୱର ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଖଲି ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କୈଳାଶ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଭଞ୍ଜନଗରରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଦେଇଛି: ଏମ୍‌ପି

ଭଞ୍ଜନଗର,୨୦।୯(ବାବୁଲା ପ୍ରଧାନ):

କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀ ଶୁକ୍ରବାର ଭଞ୍ଜନଗର ବ୍ଲକ ମୁଜାଗଡ଼ ଏବଂ ଦଦରାଲୁଣ୍ଡାଠାରେ ଚାଲିଥିବା ଭାଜପାର ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅବସରରେ ସେ କର୍ମୀମାନଙ୍କୁ କହିଥିଲେ ଯେ, ତୃଣମୂଳ ସ୍ତରରେ ଦଳୀୟ ସଂଗଠନ ସୁଦୃଢ଼ ହେଲେ ଯାଇ ସରକାରଙ୍କ ଯୋଜନା ଗ୍ରାମାଞ୍ଚଳରେ ପହଞ୍ଚିପାରିବ ।ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଏବେଠାରୁ ଯୋଜନା ପ୍ରସ୍ତୁତ କରିବାକୁ ହେବ। ଗତ ସାଧାରଣ ନିର୍ବାଚନ ପୂର୍ବରୁ କନ୍ଧମାଳ ଲୋକସଭା କ୍ଷେତ୍ର ଅଧୀନରେ ଆସୁଥିବା ୭ ନିର୍ବାଚନ ମଣ୍ଡଳୀରେ ପ୍ରାୟ ୫୦ ହଜାର ସଭ୍ୟ ଥିଲେ। ବର୍ତ୍ତମାନ ତାହାକୁ ୭ ଲକ୍ଷରେ ପହଞ୍ଚାଇବାକୁ ପଡିବ। ଏଥିପାଇଁ ସମସ୍ତେ ଉଦ୍ୟମ କରିବାକୁ ହେବ ବୋଲି ଏମ୍‌ପି କହିଥିଲେ। ଏହାପରେ ଖବରଦାତାଙ୍କ ସହ ଆଲୋଚନା ବେଳେ ସେ କହିଥିଲେ ପ୍ରସ୍ତାବିତ ଗୋପାଳପୁର ଭାୟା ଭଞ୍ଜନଗର ରେଢ଼ାଖୋଲ ରେଳ ପ୍ରକଳ୍ପ ସର୍ଭେ କାର୍ଯ୍ୟ ପୁଣି ହେବ। ଏଥିରେ ଫୁଲବାଣୀକୁ ଯୋଡାଯିବ। ପ୍ରକଳ୍ପ କାର୍ଯ୍ୟ ଆରମ୍ଭରେ ବିଳମ୍ବ ହେଲେ ମଧ ନିଶ୍ଚିତ ହେବ। ଆଗାମୀ ଅନ୍ତରୀଣ ବଜେଟରେ କିଭଳି ଉକ୍ତ ପ୍ରକଳ୍ପ ପାଇଁ ଅନୁଦାନ ମିଳିବ ସେଥିପ୍ରତି ରେଳମନ୍ତ୍ରୀଙ୍କ ସହ ଆଲୋଚନା କରିଛି। କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜନ୍ମମାଟି ଭଞ୍ଜନଗର ନିକଟସ୍ଥ କୁଳାଡ। ତେଣୁ ଏଠାରେ ଏକ ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ସରକାରଙ୍କୁ ପ୍ରସ୍ତାବ ଦେଇଛି। ଯଦି ବିଶ୍ୱବିଦ୍ୟାଳୟ ନ ହୋଇପାରୁଛି ତେବେ ଏଠାରେ ବିଶ୍ୱବିଦ୍ୟାଳୟର ଏକ ଶାଖା କାର୍ଯ୍ୟାଳୟ ଖୋଲିବା ପାଇଁ ମଧ ପ୍ରସ୍ତାବ ଦେଇଛି ବୋଲି ଏମ୍‌ପି ପାଣିଗ୍ରାହୀ କହିଥିଲେ। ଏଥିସହ କନ୍ଧମାଳର ହଳଦୀ କିଭଳି ବିଦେଶକୁ ପର୍ଯ୍ୟାପ୍ତ ରପ୍ତାନି ହେବ ସେଥିପାଇଁ ମଧ ପଦକ୍ଷେପ ନିଆଯାଇଛି। ଏହାହେଲେ କନ୍ଧମାଳ ଜିଲାବାସୀଙ୍କ ଆର୍ଥିକ ଉନ୍ନତି ହେବ। ଏମପିଙ୍କ ଗସ୍ତ ସମୟରେ ଭାଜପା ମୁଜାଗଡ଼ ମଣ୍ଡଳ ସଭାପତି ଧୋବା ଗୌଡ, ପୂର୍ବତନ ସରପଞ୍ଚ ଶିବ ଶଙ୍କର ପ୍ରଧାନ, ରବି ଗୌଡ, ଯୁବ ନେତା ଅଭୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଭଞ୍ଜନଗର ନିର୍ବାଚନ ମଣ୍ଡଳୀରେ ଭାଜପା ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମକୁ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ତଦାରଖ କରୁଛନ୍ତି। ଲକ୍ଷ୍ୟ ଅନୁସାରେ ସଭ୍ୟ ସଂଗ୍ରହ ପାଇଁ ଦଳୀୟ ନେତା ଓ କର୍ମୀ ଚେଷ୍ଟା ଚଳାଇଛନ୍ତି।

# ୨୩ କେଜି ଗଞ୍ଜେଇ ଜବତ, ୪ ଗିରଫ

ଖଜୁରିପଡା, ୨୦।୯( ବିଦୁର ବେହେରା)

ଖଜୁରିପଡ଼ା ଥାନା ଅଧୀନରେ ଥିବା ଖଲି ବେରେଣା ଗ୍ରାମରେ ଗୁରୁବାର ଗଞ୍ଜେଇ ଚୋରାଚାଲାଣକାରୀମାନେ ଗଞ୍ଜେଇ କିଣିବା ନେଇ ଡିଲ୍ କରୁଥିବା ବେଳେ ଖବର ପାଇ ଥାନା ଅଧିକାରୀ ଚାପଧାରୀ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ପହଞ୍ଚି ଚଢାଉ କରିଥିଲେ। ସେମାନଙ୍କଠାରୁ ୨୩ କିଲୋ ଗଞ୍ଜେଇ ଓ ଗୋଟିଏ ଦେଶୀ ବନ୍ଧୁକ ଜବତ ହୋଇଛି। ଏଥିରେ ସମ୍ପୃକ୍ତ ୪ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବୈକୁଣ୍ଠ ଟିକାରାସାହିର ବିଜୟ କହଁର (୨୯), କୁଣ୍ଡାପଥରର ଭରତ ଦଳେଇ (୨୬), ପୁରୁଣା କଟକ ନିକଟସ୍ଥ କିଟାଙ୍ଗପଡାର କୁନା ମଲ୍ଲିକ (୨୭) ଓ କଟକ ନରସିଂହପୁରର କୃଷ୍ଣଚନ୍ଦ୍ର ସାହୁ (୬୧)। ଏମାନଙ୍କଠାରୁ ଗଞ୍ଜେଇ ସହ ଗୋଟିଏ ଦେଶୀ ବନ୍ଧୁକ, ୫୨୦୦ ଟଙ୍କା, ଦୁଇଟି ମୋବାଇଲ ଫୋନ ଏବଂ ଗୋଟିଏ ବାଇକ (ନଂ. ଓଆର ୦୫ ଏ ଆର୍-୦୮୬୫) ଜବତ ହୋଇଛି। ୧୪୭ /୨୪ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଜିଲାପାଳଙ୍କ କାର୍ଯ୍ୟାଳୟରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି,୨୦।୯(ଗିରିଧାରୀ ପରିଚ୍ଛା)



ଜିଲାପାଳଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଛି। ଜିଲାପାଳ ବିଜୟ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମିଞ୍ଜ, ମୁଖ୍ୟ ଉନ୍ନୟନ ଅଧିକାରୀ ଡ.ଗୁଣନିଧି ନାୟକ, ଉପଜିଲାପାଳ ଅନୁପ ପଣ୍ଡାଙ୍କ ସମେତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଜିଲାପାଳ କାର୍ଯ୍ୟାଳୟ ପରିସରରେ ଥିବା ସମସ୍ତ କାର୍ଯ୍ୟାଳୟକୁ ଅଧିକାରୀ ଓ କର୍ମଚାରୀମାନେ ଝାଡୁ କରି ସଫା କରିଥିଲେ । ଏହି ଅବସରରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ଚାରାରୋପଣ କରାଯାଇଥିଲା । କାର୍ଯ୍ୟକ୍ରମକୁ ଡେପୁଟି କଲେକ୍ଟର ପ୍ରାଣକୃଷ୍ଣ ପାଣିଗ୍ରାହୀ, ଶଶାଙ୍କ ଶେଖର ଶତପଥୀ, ପ୍ରସାଦ ପାତ୍ର ପରିଚାଳନା କରିଥିଲେ। ସେହିପରି ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଗୁରୁବାର ରେଭେନ୍ୟୁ କଲୋନିଠାରେ ମଧ ଅନୁଷ୍ଠିତ ହୋଇଥିଲା। ଏଥିରେ କଲୋନି ବାସିନ୍ଦା ସାମିଲ ହୋଇ ସାହିର ରାସ୍ତାଘାଟ ପରିଷ୍କାର ପରିଚ୍ଛନ୍ନ କରିଥିଲେ। ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମିଞ୍ଜଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହିକାର୍ଯ୍ୟକ୍ରମ ଅବସରରେ ମା' ପାଇଁ ଗଛଟିଏ ଉଦ୍ଦେଶ୍ୟରେ ଚାରାରୋପଣ କରାଯାଇଥିଲା। ତହସିଲଦାର ନାରାୟଣ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡେପୁଟି କଲେକ୍ଟର ପାଣକୃଷ୍ଣ ପାଣିଗ୍ରାହୀ,ପୌର ନିର୍ବାହୀ ଅଧିକାରୀ ଗୌର ଚନ୍ଦ୍ର ପଟ୍ଟନାୟକ, ଅତିରିକ୍ତ ତହସିଲଦାର ବି.ଆଲିୟା ରେଡ୍ଡୀ ସହଯୋଗ କରିଥିଲେ ।

# କଳିଙ୍ଗା ଘାଟିରେ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ

ଜି.ଉଦୟଗିରି,୨୦।୯(ଶିଶିର ପଟ୍ଟନାୟକ)

ଜି ଉଦୟଗିରି ଥାନା କଳିଙ୍ଗା ଘାଟିରେ ଶୁକ୍ରବାର ସକାଳେ ଏକ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଛି। ନାଗାଲାଣ୍ଡଠାରୁ ବ୍ରହ୍ମପୁର ଅଭିମୁଖେ କୁକୁଡ଼ା ଦାନା ନେଇ ଯାଉଥିବା ଏହି ଟ୍ରକ୍‌ଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଟ୍ରକ୍‌ରେ ୩ ଜଣ ବସିଥିବା ବେଳେ ଡ୍ରାଇଭର ସମାନ୍ୟ ଆହତ ହେଇଛନ୍ତି। ଜି.ଉଦୟଗିରି ହସ୍ପିଟାଲରେ ତାଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇଛି। ଘାଟିର ଉକ୍ତ ଦୁର୍ଘଟଣା ଜୋନ୍‌ରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଇତିହାସ ବିଭାଗର ପାଠଚକ୍ର




ବେଲଗୁଣ୍ଠା,୨୦।୯(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠାସ୍ଥିତ ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟର ଇତିହାସ ବିଭାଗ ପକ୍ଷରୁ ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ଓ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଅଜିତ୍ ପଟ୍ଟନାୟକଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଇତିହାସ ବିଭାଗ ମୁଖ୍ୟ ଅଧ୍ୟାପକ ଅଶୋକ ସ୍ୱାଇଁ, ଅଧ୍ୟାପକ ଅଜୟ ବିଶ୍ୱାଳ, ସନ୍ତୋଷ ପାଣିଗ୍ରାହୀ, ଅଶୋକ ପ୍ରଧାନ, ଡ.ପ୍ରଫୁଲ୍ଲ ଜେନା, ସପନ ପ୍ରଧାନ, ବିଶ୍ୱରଞ୍ଜନ ସ୍ୱାଇଁ, ରଞ୍ଜିତ୍ ସାମଲ, ଖବରଦାତା ଶିବରାମ ଚୌଧୁରୀ ପ୍ରମୁଖ ଯୋଗଦେଇ ପାଠଚକ୍ରରେ ନିଜ ମତ ରଖିଥିଲେ। ଯୁକ୍ତ ତିନି ତୃତୀୟ ବର୍ଷ ଛାତ୍ରୀ ଭାଗ୍ୟଶ୍ରୀ ମହାରଣା ଓଡ଼ିଶାର ଶ୍ରେଷ୍ଠ ନରପତି ଶ୍ରୀପୁରୁଷୋତ୍ତମ ଦେବଙ୍କ ଉପରେ ସନ୍ଦର୍ଭ ପାଠ କରିଥିଲେ। ଅଧ୍ୟାପକ ଅଜୟ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ବଂଶଧାରା ପାଣିରେ କ୍ଷୟକାରୀ ବିଷାକ୍ତ ରାସାୟନିକ ପଦାର୍ଥ ମିଶିଥିବା ଆଶଙ୍କା

କାଶୀନଗର, ୨୦।୯(ଟି. କ୍ରିଷ୍ଣା ରାଓ)

ଗଜପତି ଜିଲା କାଶୀନଗର ଦେଇ ପ୍ରବାହିତ ବଂଶଧାରା ନଦୀ ପାଣିରେ ବେଦାନ୍ତ କାରଖାନାର କାଷ୍ଟିକ ପୋଖରୀ ହୁଡା ଭାଙ୍ଗି କ୍ଷୟକାରୀ ବିଷାକ୍ତ ରାସାୟନିକ ପଦାର୍ଥ ମିଶିଥିବା ଓ ବହୁ ପରିମାଣରେ ମଲାମାଛ ଭାସୁଥିବା ଖବର ପ୍ରଚାର ହେବାପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟ ପ୍ରକାଶ ପାଇଛି। ସତର୍କତାମୂଳକ ପଦକ୍ଷେପ ଭାବେ ପାନୀୟ ଜଳ ଯୋଗାଣ ବନ୍ଦ କରାଯାଇଥିବାରୁ କାଶୀନଗରବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜନସ୍ୱାସ୍ଥ୍ୟ ବିଭାଗର କୌଣସି ଅଧିକାରୀ କାଶୀନଗରରେ ପହଞ୍ଚି ପ୍ରତିକାରମୂଳକ ପଦକ୍ଷେପ ନେବା ଦିଗରେ ଏଯାଏ ତତ୍ପରତା ଦେଖାଇନାହାନ୍ତି ବୋଲି ସ୍ଥାନୀୟ ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ସୂଚନା ଅନୁଯାୟୀ, ରାୟଗଡା ଜିଲା ଗୁଣପୁର ପ୍ରଶାସନ ପକ୍ଷରୁ ପରୀକ୍ଷା ପାଇଁ ନଦୀପାଣି ଭୁବନେଶ୍ୱର ପଠାଯାଇଛି। ରିପୋର୍ଟକୁ ଅପେକ୍ଷା କରାଯାଇଛି। ଯଦି କ୍ଷୟକାରୀ ବିଷାକ୍ତ ରାସାୟନିକ ପଦାର୍ଥ ନଦୀପାଣିରେ ମିଶିଛି ବୋଲି ପ୍ରମାଣିତ ହୁଏ ତେବେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

# ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ହିଞ୍ଜିଳିକାଟୁ, ୨୦।୯(ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳି ପୋଲିସ ଘୋଡେଇଗୁଣୀ ମନ୍ଦିର ନିକଟରୁ ଶୁକ୍ରବାର ଜଣେ ଯୁବକଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଜବତ କରିଛି। ସେ ହେଲେ ହିଞ୍ଜିଳି ଥାନା ଅନ୍ତର୍ଗତ ଖଣ୍ଡରା ଗ୍ରାମର ରାଜାରାମ ସ୍ୱାଇଁ (୨୦)। ଏ ନେଇ ୨୯/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପ୍ରକାଶ ଯେ, ରାଜାରାମ ବୁଧବାର ଅପରାହ୍ନରେ ଘରୁ କଲେଜ ଯିବାକୁ କହି ଯାଇଥିଲେ। ୨ ଦିନ ଧରି ସେ ଘରକୁ ଫେରି ନ ଥିଲେ। ପରିବାର ଲୋକେ ତାଙ୍କ ସହ ଯୋଗାଯୋଗ କରିଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇ ନ ଥିଲା। ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ବେଳେ ଘୋଡେଇଗୁଣୀ ମନ୍ଦିର ନିକଟରେ ରାଜାରାମଙ୍କ ସାଇକେଲ ରହିଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ। ପରେ ନିକଟସ୍ଥ ଏକ ଗଛରେ ରଶିରେ ତାଙ୍କ ମୃତଦେହ ଝୁଲୁଥିବା ସେମାନେ ଦେଖିବାକୁ ପାଇଥିଲେ। ଘଟଣା ନେଇ ରାଜାରାମଙ୍କ ସମ୍ପର୍କୀୟ ଭାଇ ଚନ୍ଦ୍ରହାସ ସ୍ୱାଇଁ ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି।

# ୧୪ ମାସ ପରେ ବସିଲା ପଞ୍ଚାୟତ ସମିତି ବୈଠକ

## ସବୁ ଶୁଣି ନୀରବ ରହିଲେ ବିଡିଓ

ଖଜୁରୀପଡ଼ା, ୨୦।୯ (ବିଦୁର ବେହେରା)

ଖଜୁରୀପଡ଼ା ବ୍ଲକ କାର୍ଯ୍ୟାଳୟ ପରିସର ସଭା ଗୃହରେ ଶୁକ୍ରବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ୧୪ ମାସ ପରେ ବସିଥିବା ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ ଯୋଗଦେଇଥିଲେ। ଅଧ୍ୟକ୍ଷା ଅନିମା କହଁର, ଉପାଧ୍ୟକ୍ଷ ଅମିତ ଡିଗାଲ, ଜିଲା ପରିଷଦ ସଭ୍ୟା ଉର୍ବଶୀ ଡିଗାଲ,ମମତା ମଲ୍ଲିକ, ବିଡିଓ ଜର୍ଜ ଡୁଙ୍ଗୁ ଡୁଙ୍ଗୁ, ବିଇଓ ବିନୋଦ ବିହାରୀ ଡିଗାଲଙ୍କ ସହ ବିଭାଗୀୟ ଅଧିକାରୀ, ସରପଞ୍ଚ ଓ ସମିତିସଭ୍ୟା ସଭ୍ୟ ଉପସ୍ଥିତ ଥିଲେ। ବୈଠକରେ ବ୍ଲକ ପ୍ରଶାସନର ଉନ୍ନତିମୂଳକ କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା। ବିଭିନ୍ନ ପ୍ରକଳ୍ପରେ ଦୁର୍ନୀତିମୂଳକ କାର୍ଯ୍ୟ ନେଇ ସମିତି



ବୈଠକରେ ବିଧାୟକଙ୍କ ସହ ଅନ୍ୟମାନେ ଆଲୋଚନା କରୁଛନ୍ତି।

ସଭ୍ୟାସଭ୍ୟ, ସରପଞ୍ଚମାନେ ବ୍ଲକ ପ୍ରଶାସନକୁ ଘେରିଥିଲେ। ବିଲବାଡ଼ି ସରପଞ୍ଚ ଶିକ୍ଷା ବିଭାଗର ଅବହେଳାକୁ ନେଇ ପ୍ରଶ୍ନ ଉଠାଇଥିଲେ। ଶିକ୍ଷୟିତ୍ରୀ ଶିକ୍ଷକମାନେ ଠିକ୍ ସମୟରେ ବିଦ୍ୟାଳୟରେ ପହଞ୍ଚୁ ନ ଥିବା କେବେ କେବେ ପାଳି କରି ଆସୁଥିବା ସେ ଅଭିଯୋଗ କରିଥିଲେ। ବଲସକୁମ୍ପା ସରପଞ୍ଚ ଅଙ୍ଗନୱାଡି କେନ୍ଦ୍ର ଗୃହ ନିର୍ମାଣ ବିଳମ୍ବ ହେଉଥିବାରୁ କୋମଳମତି ଶିଶୁମାନେ ପାଠପଢ଼ାରେ ଅସୁବିଧାର ସମ୍ମୁଖୀନ ହେଉଥିବା କହିଥିଲେ। ଦୃତିମେଣ୍ଡି ସମିତି ସଭ୍ୟ ପକ୍କା ରାସ୍ତା ନିର୍ମାଣରେ ହୋଇଥିବା ଦୁର୍ନୀତି ସମ୍ପର୍କରେ ଜାଣିବାକୁ ଚାହିଁଥିଲେ। ଦୃତିମେଣ୍ଡି ସରପଞ୍ଚ କାମ କରି ଠିକାଦାରମାନେ ଠିକ୍ ସମୟରେ ବିଲ୍ ପାଉ ନ ଥିବା ଅଭିଯୋଗ କରିଥିଲେ। ଦୃତିପଡା ସମିତିସଭ୍ୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଦୁର୍ନୀତି ହେଉଥିବା ଅଭିଯୋଗ ଆଣିଥିଲେ। ସମିତିସଭ୍ୟମାନଙ୍କ ଅଜାଣତରେ କାମ କରାଯାଉଥିବାରୁ ବୈଠକରେ ସେମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ତେବେ ସମସ୍ତ ଅଭିଯୋଗ, ପ୍ରସ୍ତାବ ଶୁଣିବା ପରେ ବିଡିଓ କିଛି ଉତ୍ତର ନ ଦେଇ ନୀରବ ରହିଥିଲେ। ଏହାକୁ ଜନ ପ୍ରତିନିଧିମାନେ ନାପସନ୍ଦ କରିଥିଲେ। ବିଧାୟକ ଲୋକଙ୍କ ସମସ୍ୟା ସମାଧାନ ପ୍ରତି ଗୁରୁତ୍ୱ ଦେବାକୁ ବ୍ଲକ ପ୍ରଶାସନକୁ ପରାମର୍ଶ ଦେଇଥିଲେ।

# ସିସିଏ ନିଯୁକ୍ତିରେ ଅନିୟମିତତା, ଜିଲାପାଳଙ୍କୁ ଦାବିପତ୍ର

ଫୁଲବାଣୀ,୨୦।୯(ରାକେଶ କୁମାର ରାଉତ)

କୋଟଗଡ଼ ବ୍ଲକ ଦୁର୍ଗାପାଙ୍ଗା ପଞ୍ଚାୟତରେ ଥିବା ଦୁର୍ଗାପାଙ୍ଗା ସରକାରୀ ବାଳିକା ସେବାଶ୍ରମ ବିଦ୍ୟାଳୟରେ ସିସିଏ ନିଯୁକ୍ତିରେ ଅନିୟମିତତା ହୋଇଛି। ସରକାରୀ ନିୟମକୁ ଅବମାନନା କରାଯାଇ ଅନ୍ୟଜଣଙ୍କୁ ନିଯୁକ୍ତି ଦିଆଯାଇଛି । ଯେଉଁମାନେ ଆବେଦନ କରିଥିଲେ ସେମାନଙ୍କୁ ନିଯୁକ୍ତି ମିଳିନାହିଁ। ବିଦ୍ୟାଳୟ ପ୍ରଧାନଶିକ୍ଷକ ଜାଣିଶୁଣି ଏପରି କରିଥିବା ଅଭିଯୋଗ ଆଣିଛନ୍ତି ଆବେଦନକାରୀ ଏବଂ ପଂଚାୟତ ସମିତି ସଭ୍ୟା । ସେମାନେ ଗୁରୁବାର ଆସି ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ସେବାଶ୍ରମ ବିଦ୍ୟାଳୟରେ ସିସିଏ ପଦବୀ ପାଇଁ ୨୦୨୨ ଜୁଲାଇ ୧୮ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ସେହି ପଦବୀ ଲାଗି ୭ ଜଣ ଆବେଦନ କରିଥିଲେ । କିନ୍ତୁ ଆଜି ଯାଏ ନିଯୁକ୍ତି ସମ୍ପର୍କରେ କୌଣସି ସୂଚନା ନାହିଁ। ଏହି ୭ ଜଣଙ୍କ ମଧ୍ୟରୁ କାହାରିକୁ ନିଯୁକ୍ତି ମିଳିନାହିଁ। ଜାଣିବାକୁ



ମିଳିଛି ଗତ ୧୭ ତାରିଖରେ ଏହି ପଦବୀ ପୂରଣ କରାଯାଇଛି। ମୋଟ ୩ ଜଣଙ୍କୁ ବେଆଇନ ଭାବେ ନିଯୁକ୍ତି ମିଳିଛି। ସେମାନେ ଆବେଦନକାରୀ ନୁହନ୍ତି କି ନିଯୁକ୍ତି ପାଇଁ କୌଣସି ପରୀକ୍ଷା ଦେଇ ନାହାନ୍ତି। ପ୍ରଧାନଶିକ୍ଷକ ଏହି ନିଯୁକ୍ତି ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ଅନିୟମିତତା କରିଛନ୍ତି। ଏହାର ବିଧିବଦ୍ଧ ଭାବେ ତଦନ୍ତ କରାଯାଉ ବୋଲି ଦୁର୍ଗାପାଙ୍ଗା ସମିତି ସଭ୍ୟା ମିଞ୍ଜୁଲି ମାଝି ପ୍ରକାଶ କରିଛନ୍ତି। ସେହିପରି ଆବେଦନକାରୀ ରେସନ୍ତି ରଇତ ଓ ଦମୟନ୍ତୀ ମାଝି କହିଛନ୍ତି ଆମର ଶିକ୍ଷାଗତ ଯୋଗ୍ୟତା ପଦବୀ ଅନୁସାରେ ଠିକ୍ ରହିଛି। ଆମେ ୧୦ମ ଶ୍ରେଣୀ ପାସ୍ କରିଛୁ। ପଦବୀ ପାଇଁ ଯୋଗ୍ୟତା ଆଧାରରେ ନିୟମ ଅନୁସାରେ ଆବେଦନ କରିଥିଲୁ। କିନ୍ତୁ ଆମକୁ ପରୀକ୍ଷା ପାଇଁ ଡକା ଯାଇନାହିଁ ଗତ ୧୯ ତାରିଖରେ ୩ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ଏ ନେଇ କୌଣସି ପରୀକ୍ଷା ହୋଇନାହିଁ । ତୁରନ୍ତ ଜିଲାପାଳ ଏହା ଉପରେ ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରିଥିଲେ।

